**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୩.୮୮ ● ପାଉଣ୍ଡ ୧୨୫.୮୭
- ୟୁରୋ ୧୦୮.୯୯ ● ୟେନ୍ ୦.୫୯

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୩୪,୬୫୦ (ନୂଆଦିଲ୍ଲୀ)
- ରୁପା : ୨,୬୦,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୫,୨୭୩.୦୦
- ନିଫ୍ଟି ୨୩,୩୦୬.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



**ଘନଉଛି ତୈଳ ସଙ୍କଟ**

# ରୁଷରୁ ତେଲ ରପ୍ତାନି ୪୦% କମିଲା

## ୟୁକ୍ରେନ୍ ଆକ୍ରମଣରେ ମସ୍କୋର ତୈଳ ଭିତ୍ତିଭୂମି ଧ୍ୱସ୍ତ

**ନୂଆଦିଲ୍ଲୀ,୨୬।୩(ଏଜେନ୍ସି):** ସମ୍ପ୍ରତି ତୈଳ ସଙ୍କଟରୁ ମୁକୁଳିବା ପାଇଁ ବିଶ୍ୱ ସଂଘର୍ଷ କରୁଛି। ଇରାନ ଏବଂ ଆମେରିକା/ଇସ୍ରାଏଲ ମଧ୍ୟରେ ଯୁଦ୍ଧ ଥମିବାର ସଙ୍କେତ ପରେ, ରୁଷ ଉପରେ ୟୁକ୍ରେନର ଆକ୍ରମଣ ଏବେ ଚିନ୍ତାକୁ ଆହୁରି ବଢ଼ାଇଦେଇଛି। ଇରାନର ହର୍ମୁଜ ପ୍ରଣାଳୀ ଅବରୋଧ ମାର୍ଗରେ ତୈଳ ପରିବହନକୁ ଗୁରୁତର ଭାବରେ ବାଧା ଦେଇଛି। ଫଳସ୍ୱରୂପ, ରୁଷର ତେଲ ଭାରତ ସମେତ ବିଶ୍ୱର ଶକ୍ତି ଆବଶ୍ୟକତା ପୂରଣ କରିଥିଲା। କିନ୍ତୁ ବର୍ତ୍ତମାନ, ରୁଷ ତେଲ ମଧ୍ୟ ଏକ ସଙ୍କଟର ସମ୍ମୁଖୀନ ହେଉଛି। ସଦ୍ୟତମ ୟୁକ୍ରେନ ଆକ୍ରମଣ ରୁଷକୁ ବହୁତ କ୍ଷତି ପହଞ୍ଚାଇଛି। ୟୁକ୍ରେନର ଡ୍ରୋନ ଆକ୍ରମଣ ରୁଷର ତୈଳ ପାଇପ୍‌ଲାଇନକୁ ଧ୍ୱସ୍ତ କରିଦେଇଛି। ଏହି ଆକ୍ରମଣ ଯୋଗୁ ରୁଷର ତୈଳ ରପ୍ତାନି କ୍ଷମତାର ଅତି କମ୍‌ରେ ୪୦% ବାଧାପ୍ରାପ୍ତ ହୋଇଛି। ରଏଟର୍ସ ରିପୋର୍ଟ ଅନୁଯାୟୀ, ଏହା ବିଶ୍ୱର ଦ୍ୱିତୀୟ ବୃହତ ତୈଳ ରପ୍ତାନିକାରୀ ରୁଷ ପାଇଁ ଏକ ଗମ୍ଭୀର ସଙ୍କଟ।

ରୁଷରେ ଏହି ସଙ୍କଟ ଏପରି ସମୟରେ ଆସିଛି ଯେତେବେଳେ ଇରାନ ଯୁଦ୍ଧ ଯୋଗୁଁ ଅନ୍ତର୍ଜାତୀୟ ଅଶୋଧିତ ତୈଳ ମୂଲ୍ୟ ବ୍ୟାରେଲ ପ୍ରତି ୧୦୦ ଡଲାର ଅତିକ୍ରମ କରିସାରିଛି। ଗୁରୁବାର ବ୍ରେଣ୍ଟ କ୍ରୁଡ୍ ମୂଲ୍ୟ ପ୍ରାୟ ୨ ପ୍ରତିଶତ ବୃଦ୍ଧି ପାଇ ପ୍ରତି ବ୍ୟାରେଲ ୧୦୪ ଡଲାର ଅତିକ୍ରମ କରିଛି। ଆମେରିକାର ଅଶୋଧିତ ତୈଳ (ଡବ୍ଲ୍ୟୁଟିଆଇ) ମୂଲ୍ୟରେ ମଧ୍ୟ ପ୍ରାୟ ୨ ପ୍ରତିଶତ ବୃଦ୍ଧି ଘଟି ଏହା ପ୍ରତି ବ୍ୟାରେଲ ୯୨ ଡଲାର ଉପରେ ପହଞ୍ଚିଛି। ତୈଳ ରାଜସ୍ୱ ହେଉଛି ରୁଷର ୨.୬ ଟ୍ରିଲିୟନ ଡଲାର ଅର୍ଥନୀତିର ମୁଖ୍ୟ ଆଧାର। ୟୁକ୍ରେନ୍ ଚଳିତ ମାସରେ ରୁଷର ତୈଳ ଭିତ୍ତିଭୂମି ଉପରେ ଡ୍ରୋନ ଆକ୍ରମଣକୁ ତୀବ୍ର କରିଛି। ରୁଷର ତିନୋଟି ପ୍ରମୁଖ ରପ୍ତାନି ବନ୍ଦର କୃଷ୍ଣ ସାଗରରେ ନୋଭୋରୋସିସ୍କ ବନ୍ଦର, ବାଲ୍ଟିକ୍ ସାଗରରେ ପ୍ରିମୋର୍ସ୍କ ଏବଂ ଉଷ୍ଟ-ଲୁଗା ବନ୍ଦର।




**ବଢ଼ିଲା ଅଶୋଧିତ ତୈଳ ଦର**

**ଖୁବ୍ ଜୋରରେ ବଢ଼ୁଛି ଅନିଶ୍ଚିତତା**

**ପ୍ରଭାବିତ ହେବ ଭାରତ**

ୟୁକ୍ରେନ୍‌ର ଆକ୍ରମଣ ପରେ ରୁଷର ଦୈନିକ ପ୍ରାୟ ୨ ନିୟୁତ ବ୍ୟାରେଲ ରପ୍ତାନି କ୍ଷମତା (ବିପିଡି) ବନ୍ଦ ହୋଇଯାଇଛି। ୟୁକ୍ରେନ ଦେଇ ହଙ୍ଗେରୀ ଏବଂ ସ୍ଲୋଭାକିଆକୁ ଯାଉଥିବା ଡ୍ରୁଜବା ପାଇପଲାଇନର ଏକ ଅଂଶ ରୁଷ ଆକ୍ରମଣରେ କ୍ଷତିଗ୍ରସ୍ତ ହୋଇଥିବା ରିପୋର୍ଟ ହୋଇଛି। ଏତାଛଡ଼ା ଡ୍ରୋନ ଆକ୍ରମଣ ପରଠାରୁ ନୋଭୋରୋସିସ୍କ ଟର୍ମିନାଲ ଏହାର କ୍ଷମତା (୭୦୦,୦୦୦ ବିପିଡି) ଠାରୁ ଯଥେଷ୍ଟ କମ୍‌ରେ କାର୍ଯ୍ୟ କରୁଛି।

ରୁଷ ତୈଳ ଯୋଗାଣରେ ବାଧା ସୃଷ୍ଟି ହେବା ଫଳରେ ଭାରତ ପ୍ରଭାବିତ ହେବାକୁ ଯାଉଛି। ଆମେରିକାର ପ୍ରତିବନ୍ଧକ ପୂର୍ବରୁ ଭାରତ ଗତ ବର୍ଷ ବହୁ ପରିମାଣର ରୁଷ ତୈଳ କିଣିଥିଲା। ସମ୍ପ୍ରତି, ଇରାନ ଯୁଦ୍ଧ ସମୟରେ ଆମେରିକା ରୁଷ ତୈଳ ଉପରେ ୩୦ ଦିନିଆ ପ୍ରତିବନ୍ଧକ ଉଠାଇ ଦେଇଥିଲା, ଯାହା ଭାରତକୁ ମଧ୍ୟ ବହୁ ପରିମାଣର ରୁଷ ତୈଳ ଯୋଗାଇଥିଲା। ଭାରତ ଆସନ୍ତା ମାସ ପାଇଁ ୬୦ ନିୟୁତ ବ୍ୟାରେଲ ରୁଷୀୟ ଅଶୋଧିତ ତୈଳ ବୁକିଂ କରିଛି। ଯଦି ରୁଷ ତୈଳ ଯୋଗାଣ ପ୍ରଭାବିତ ହୁଏ, ତେବେ ଏହା ଭାରତରେ ତୈଳ ଯୋଗାଣ ଉପରେ ମଧ୍ୟ ନକାରାତ୍ମକ ପ୍ରଭାବ ପକାଇପାରେ। ଏହା ଭାରତରେ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ବୃଦ୍ଧି କରିପାରେ।

# ଦେଶରେ ପେଟ୍ରୋଲ, ଡିଜେଲ, ଗ୍ୟାସ୍‌ର ଅଭାବ ନାହିଁ

## ଆମ ପାଖରେ ୬୦ ଦିନ ପାଇଁ ଷ୍ଟକ୍

**ନୂଆଦିଲ୍ଲୀ,୨୬।୩(ଏଜେନ୍ସି):** ମଧ୍ୟ ପ୍ରାଚ୍ୟ ଯୁଦ୍ଧ ଘନଘଟାରେ ଦେଶରେ ବର୍ତ୍ତମାନ ପେଟ୍ରୋଲ, ଡିଜେଲ ଏବଂ ରନ୍ଧନ ଗ୍ୟାସ୍‌ର ଉପଲବ୍ଧତାକୁ ନେଇ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଏପରି ସମୟରେ ସରକାର କହିଛନ୍ତି ଯେ, ଆସନ୍ତା ଦୁଇ ମାସ ପାଇଁ ଭାରତ ପାଖରେ ପର୍ଯ୍ୟାପ୍ତ ତେଲ ଓ ଇନ୍ଧନ ରହିଛି। ଗୁରୁବାର ଦେଶବାସୀଙ୍କୁ ଏପରି ଆଶ୍ୱସ୍ତିକର ବାଣୀ ଶୁଣାଇଛନ୍ତି କେନ୍ଦ୍ର ସରକାର। ଯୁଦ୍ଧ ଯୋଗୁ ପଶ୍ଚିମ ଏସିଆରେ ଅସ୍ଥିରତା ସୃଷ୍ଟି ହୋଇଥିବାବେଳେ ଦେଶରେ ଇନ୍ଧନ ସ୍ଥିତି ସ୍ଥିର ରହିଛି ଏବଂ ଏହା ନିୟନ୍ତ୍ରଣାଧୀନ ରହିଛି। ତେଣୁ ଅଯଥା ଗୁଜବ ଶୁଣି ଛାନିଆ ହୁଅନ୍ତୁନାହିଁ ବୋଲି କେନ୍ଦ୍ର ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ କହିଛି।

ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ କହିଛି ଯେ ଆଗାମୀ ୬୦ ଦିନ ପାଇଁ ଅଶୋଧିତ ତୈଳ ଯୋଗାଣ ସୁରକ୍ଷିତ କରାଯାଇଛି। ଗୁରୁବାର (୨୬ ମାର୍ଚ୍ଚ ୨୦୨୬) ପିଆଇବି ଦ୍ୱାରା ଜାରି କରାଯାଇଥିବା ବିଜ୍ଞପ୍ତି ଅନୁଯାୟୀ, ଯୋଗାଣରେ ଯେମିତି କୌଣସି ବ୍ୟବଧାନ ନ ହେବ ଏଥିପାଇଁ ତୈଳ ବିପଣନ କମ୍ପାନୀଗୁଡ଼ିକ (ଓଏମ୍‌ସି) ଆଗୁଆ ଆମଦାନୀ ପୂର୍ବରୁ ସ୍ଥିର କରି ସାରିଛନ୍ତି। ଦେଶବ୍ୟାପୀ ରିଫାଇନାରୀଗୁଡ଼ିକ ୧୦୦ ପ୍ରତିଶତରୁ ଅଧିକ କ୍ଷମତାରେ ଚାଲୁଛନ୍ତି। ଯାହା ଇନ୍ଧନ ପ୍ରବାହକୁ ସ୍ଥିର ରଖିଛି। ଭାରତର ମୋଟ ଗଚ୍ଛିତ ତୈଳ କ୍ଷମତା ୭୪ ଦିନ। ହେଲେ ବର୍ତ୍ତମାନ ସରକାରଙ୍କ ନିକଟରେ ୬୦ ଦିନ ପାଇଁ ତୈଳ ମହଜୁଦ। ଏଥିରେ କ୍ରୁଡ୍ ଅଏଲ୍, ରିଫାଇନ୍ଡ ପ୍ରଡକ୍ଟ ଏବଂ ଭୂତଳ ଗୁମ୍ଫାରେ ଗଚ୍ଛିତ ଥିବା ଷ୍ଟ୍ରାଟେଜିକ ରିଜର୍ଭ ସାମିଲ। ପଶ୍ଚିମ ଏସିଆ ସଙ୍କଟକୁ ୨୭ ଦିନ ବିତି ଯାଇଥିଲେ ମଧ୍ୟ ଦେଶରେ ସମସ୍ତ ନାଗରିକଙ୍କ ପାଇଁ ପ୍ରାୟ ଦୁଇ ମାସ ପାଇଁ ନିରନ୍ତର ଇନ୍ଧନ ଯୋଗାଣ ହୋଇପାରିବ ବୋଲି ସରକାରୀ ଅଧିକାରୀମାନେ କହିଛନ୍ତି। ଏହା ବାଦ୍ ଅତିରିକ୍ତ ଇନ୍ଧନ କିଣିବାକୁ ପୂର୍ବରୁ ଯୋଜନା କରାଯାଇଥିବାରୁ ଭାରତ ଆଗାମୀ ମାସଗୁଡ଼ିକ ପାଇଁ ଏସବୁ ସୁରକ୍ଷିତ ରଖିବାକୁ ଯୋଜନା କରୁଛି।

**ଇରାନ୍‌ରୁ ତେଲ କିଣାକୁ ରିଲାଏନ୍ସର ଖଣ୍ଡନ**

# କମ୍ପାନୀ କହିଲା ଭିତ୍ତିହୀନ

**ମୁମ୍ବଇ,୨୬।୩(ଏଜେନ୍ସି):** ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ଇରାନରୁ ଅଶୋଧିତ ତୈଳ କିଣିବା ସମ୍ପର୍କିତ ରିପୋର୍ଟକୁ ସ୍ପଷ୍ଟ ଭାବରେ ଅସ୍ୱୀକାର କରିଛି। କମ୍ପାନୀ ଏହି ଦାବିଗୁଡ଼ିକୁ ସମ୍ପୂର୍ଣ୍ଣ ଭିତ୍ତିହୀନ ଏବଂ ଭ୍ରମାତ୍ମକ ବୋଲି କହିଛି। ଏପରି ରିପୋର୍ଟରେ କୌଣସି ସତ୍ୟତା ନାହିଁ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଗୁରୁବାର ଏ ସମ୍ପର୍କରେ ଜାରି କରାଯାଇଥିବା ଏକ ସ୍ପଷ୍ଟୀକରଣରେ କମ୍ପାନୀ କହିଛି, ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ କମ୍ପାନୀ ଇରାନ ଅଶୋଧିତ ତୈଳ କିଣିଛି ବୋଲି ଦାବି କରୁଥିବା ସାମ୍ପ୍ରତିକ ଗଣମାଧ୍ୟମ ରିପୋର୍ଟକୁ ପ୍ରତ୍ୟାଖ୍ୟାନ କରୁଛି। ଏହି ରିପୋର୍ଟଗୁଡ଼ିକ ଭିତ୍ତିହୀନ ଏବଂ ଭୁଲ ତଥ୍ୟ ପ୍ରସାରଣ କରୁଛି। କୌଣସି ଖବର ପ୍ରକାଶ କରିବା ପୂର୍ବରୁ ତଥ୍ୟଗୁଡ଼ିକୁ ପୁଙ୍ଖାନୁପୁଙ୍ଖ ଭାବରେ ଯାଞ୍ଚ କରିବାକୁ ଉଚିତ୍। ନିକଟରେ ଏକ ରିପୋର୍ଟରେ ଦାବି କରାଯାଇଥିଲା ଯେ କମ୍ପାନୀ ନ୍ୟାସନାଲ୍ ଇରାନିୟାନ୍ ଅଏଲ୍ କମ୍ପାନୀଠାରୁ ୫ ନିୟୁତ ବ୍ୟାରେଲ୍ ଅଶୋଧିତ ତୈଳ କିଣିଛି। ରିପୋର୍ଟରେ ଏହା ମଧ୍ୟ କୁହାଯାଇଛି ଯେ ଏହି ଚୁକ୍ତି ବ୍ରେଣ୍ଟ ଫ୍ୟୁଚର୍ସ ମୂଲ୍ୟ ଅପେକ୍ଷା ଅଧିକ ପ୍ରିମିୟମ୍‌ରେ କରାଯାଇଥିଲା ଏବଂ ଆମେରିକା ଦ୍ୱାରା ପ୍ରଦାନ କରାଯାଇଥିବା ଏକ ଅସ୍ଥାୟୀ ପ୍ରତିବନ୍ଧକ ଛାଡ଼ ଏହି ଚୁକ୍ତିରେ ବଡ଼ ଭୂମିକା ଗ୍ରହଣ କରିଥିଲା। ଆମେରିକା ଇରାନି ଅଶୋଧିତ ତୈଳ ପାଇଁ ଏକ ଅସ୍ଥାୟୀ ଛାଡ଼ ପ୍ରଦାନ କରିଛି। ରିପୋର୍ଟରେ କୁହାଯାଇଛି ଯେ ଏହି ଛାଡ଼ କେବଳ ସୀମିତ ଅବଧି ପାଇଁ ଥିଲା।

# ତୈଳ ସଙ୍କଟ ମଧ୍ୟରେ ଆଇଇଏର ୧୦-ସୂତ୍ରୀ ଯୋଜନା

**ନୂଆଦିଲ୍ଲୀ,୨୬।୩(ଏଜେନ୍ସି):** ଅନ୍ତର୍ଜାତୀୟ ଶକ୍ତି ଏଜେନ୍ସି (ଆଇଇଏ) ର ୧୦-ସୂତ୍ରୀ ଯୋଜନାର ଲକ୍ଷ୍ୟ ହେଉଛି, ବିଶେଷକରି ଭୂ-ରାଜନୈତିକ ଉତ୍ତେଜନା ସମୟରେ ତୈଳ ଚାହିଦାକୁ ତୁରନ୍ତ ହ୍ରାସ କରିବା। ଏହାର ପ୍ରମୁଖ ପଦକ୍ଷେପଗୁଡ଼ିକ ମଧ୍ୟରେ ୱାର୍କ ଫ୍ରମ୍ ହୋମ୍, ସାର୍ବଜନୀନ ପରିବହନ ବ୍ୟବସ୍ଥାର ବ୍ୟବହାର, ବିମାନ ଯାତ୍ରା ହ୍ରାସ, ଗତି ସୀମା କମ୍ କରିବା ଏବଂ କାର-ମୁକ୍ତ ରବିବାର ଅନ୍ତର୍ଭୁକ୍ତ। ଏସବୁ ପଦକ୍ଷେପ ଶକ୍ତି ସୁରକ୍ଷା ସୁନିଶ୍ଚିତ କରିବା ସହିତ ତେଲ ବ୍ୟବହାର ହ୍ରାସ କରେ।

### ଆଇଇଏର ୧୦-ସୂତ୍ରୀ ଯୋଜନା

- **ଗାଡ଼ି ବେଗ ହ୍ରାସ କରିବା:** ରାଜପଥରେ ଗାଡ଼ିର ଗତି ଘଣ୍ଟା ପ୍ରତି ଅତି କମ୍‌ରେ ୧୦ କିମିକୁ ହ୍ରାସ।
- **ୱାର୍କ ଫ୍ରମ୍ ହୋମ୍:** ସପ୍ତାହରେ ତିନି ଦିନ ପର୍ଯ୍ୟନ୍ତ ଘରେ ରହି କାମ କରିବା।
- **କାର-ମୁକ୍ତ ରବିବାର:** ପ୍ରମୁଖ ସହରଗୁଡ଼ିକରେ ମାସର ପ୍ରତି ରବିବାର କାର ବ୍ୟବହାର ସୀମିତ କରିବା।
- **ସାର୍ବଜନୀନ ପରିବହନ ବ୍ୟବସ୍ଥା:** ସରକାର ବସ୍ ଏବଂ ଟ୍ରେନ୍ ଭଡ଼ା ହ୍ରାସ କରି ସମସ୍ତଙ୍କ ଲାଗି ସାର୍ବଜନୀନ ପରିବହନ ବ୍ୟବସ୍ଥାର ବ୍ୟବହାରକୁ ପ୍ରୋତ୍ସାହିତ କରିବା।
- **କାରର ବିକଳ୍ପ ବ୍ୟବହାର:** ପ୍ରମୁଖ ସହରଗୁଡ଼ିକରେ ଲାଇସେନ୍ସ ପ୍ଲେଟ୍ ନମ୍ବର ଆଧାରରେ ଡ୍ରାଇଭିଂ ଦିନଗୁଡ଼ିକୁ ସୀମିତ କରିବା।
- **ଇକୋ-ଡ୍ରାଇଭିଂ:** କମ୍ ଗତିରେ ଗାଡି ଚାଳନା ଏବଂ ଦକ୍ଷ ଡ୍ରାଇଭିଂ ଅଭ୍ୟାସ ଆପଣାଇବା।



- **ହାଇ-ସ୍ପିଡ୍ ଟ୍ରେନ୍ ଚଳାଚଳକୁ ପ୍ରୋତ୍ସାହନ:** ବିମାନ ଉଡ଼ାଣ ଅପେକ୍ଷା ରେଳ/ହାଇ-ସ୍ପିଡ୍ ଟ୍ରେନର ବ୍ୟବହାରକୁ ପ୍ରାଥମିକତା ଦେବା। ବାଣିଜ୍ୟିକ ବିମାନ ଉଡ଼ାଣରେ ହ୍ରାସ। ସମ୍ଭବତଃ ଭର୍ଚୁଆଲ୍ ବୈଠକ ଆୟୋଜନ କରିବା।
- **ବୈଦ୍ୟୁତିକ ଗାଡ଼ିକୁ ପ୍ରୋତ୍ସାହନ:** ବୈଦ୍ୟୁତିକ ଯାନ (ଇଭି) ଗ୍ରହଣୀୟତାକୁ ତ୍ୱରାନ୍ୱିତ କରିବା।
- **ରିଜର୍ଭ ତୈଳ ଭଣ୍ଡାରର ବ୍ୟବହାର:** ଜରୁରୀକାଳୀନ ପରିସ୍ଥିତି ପାଇଁ ରଣନୈତିକ ତୈଳ ଭଣ୍ଡାର ମୁକ୍ତ କରିବା।

# ଏଲ୍‌ପିଜି ବଦଳରେ ପିଏନ୍‌ଜି କାହିଁକି

**ନୂଆଦିଲ୍ଲୀ,୨୬।୩(ଏଜେନ୍ସି):** ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଯୋଗୁଁ ହର୍ମୁଜ୍ ପ୍ରଣାଳୀରେ ପରିବହନ ଯାତାୟାତ ବାଧାପ୍ରାପ୍ତ ହେବା ଯୋଗୁ ଭାରତର ଏଲ୍‌ପିଜି ଆମଦାନୀ ଗୁରୁତର ଭାବରେ ପ୍ରଭାବିତ ହୋଇଛି। ଏଥିଯୋଗୁ ଦେଶରେ ରନ୍ଧନ ଗ୍ୟାସ୍ ସଙ୍କଟ ଦେଖାଦେଇଛି। ଭାରତ ଏହାର ମୋଟ ଏଲ୍‌ପିଜି ଆବଶ୍ୟକତାର ପ୍ରାୟ ୬୦% ଆମଦାନୀ କରିଥାଏ, ଯାହା ମଧ୍ୟରୁ ୯୦% ରୁ ଅଧିକ ଏହି ସଂକୀର୍ଣ୍ଣ ଜଳପଥ ଦେଇ ପରିବହନ ହେଇଥାଏ। ଅନେକ ଭାରତୀୟ ଟ୍ୟାଙ୍କର୍ ସେଠାରେ ଫସିରହିଛି, ଯାହା ଫଳରେ ଆମଦାନୀରେ ହ୍ରାସ ଘଟିଛି। ଏଥିଯୋଗୁ ହୋଟେଲ, ରେସ୍ତୋରାଁ ଏବଂ କ୍ୟାଣ୍ଟିନ୍ ଭଳି ବାଣିଜ୍ୟିକ ସଂସ୍ଥାଗୁଡ଼ିକ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛନ୍ତି। ସରକାର ପୂର୍ବରୁ ଘରୋଇ ଗ୍ରାହକମାନଙ୍କୁ ପ୍ରାଥମିକତା ଦେଇ ବାଣିଜ୍ୟିକ ଯୋଗାଣକୁ ସୀମିତ କରିଥିଲେ, କିନ୍ତୁ ପରିସ୍ଥିତିକୁ ଉନ୍ନତ କରିବା ପାଇଁ ପ୍ରୟାସ ଏବେ ତୀବ୍ର ହୋଇଛି। ସରକାରୀ କମ୍ପାନୀଗୁଡ଼ିକ ପ୍ରମୁଖ ସହରଗୁଡ଼ିକରେ ବାଣିଜ୍ୟିକ ଗ୍ରାହକମାନଙ୍କୁ ଏଲ୍‌ପିଜି ପରିବର୍ତ୍ତେ ପିଏନ୍‌ଜି ବ୍ୟବହାର କରିବାକୁ ଉତ୍ସାହିତ କରିବା ପାଇଁ ଅଭିଯାନ ଚଳାଇଛନ୍ତି।




ପାଇପଲାଇନ ନେଟ୍‌ୱାର୍କ ଘରୋଇ ଗ୍ୟାସ କ୍ଷେତ୍ର ଏବଂ ବିଭିନ୍ନ ଆମଦାନୀ ଟର୍ମିନାଲକୁ ସଂଯୋଗ କରିବ। ଅପରପକ୍ଷେ ଏଲ୍‌ପିଜି ତୁଳନାରେ ପିଏନ୍‌ଜି ଗ୍ରାହକଙ୍କ ପାଇଁ ଯଥେଷ୍ଟ ଶସ୍ତା। ଏଲ୍‌ପିଜି ଯୋଗାଣ ସିଲିଣ୍ଡର, ଟ୍ରକ୍, ବୋତଲିଂ ପ୍ଲାଣ୍ଟ ଏବଂ ଏକ ଡିଲର ନେଟ୍‌ୱାର୍କ ସହିତ ଜଡିତ। ଆପଣଙ୍କ ଘରେ ପିଏନ୍‌ଜି ପାଇପ୍ ସ୍ଥାପନ ହେବା ପରେ, ସମଗ୍ର ଯୋଗାଣ ଶୃଙ୍ଖଳ ଏହି ଖର୍ଚ୍ଚକୁ ହ୍ରାସ କରେ। ଏଲ୍‌ପିଜି ତୁଳନାରେ ଏହାର ମୂଲ୍ୟ ୩୦ ରୁ ୪୦ ପ୍ରତିଶତ କମ୍। ଅପରପକ୍ଷେ ସିଲିଣ୍ଡର ବୁକ୍ କରିବା ଏବଂ ତା'ପରେ ବିତରଣ ପାଇଁ ଅପେକ୍ଷା କରିବା ବିଳମ୍ବର କାରଣ ହୁଏ। ରୋଷେଇ କରିବା ସମୟରେ ହଠାତ୍ ଗ୍ୟାସ ସରିଯିବା ମଧ୍ୟ ଆଉ ଏକ ସମସ୍ୟା। ପିଏନ୍‌ଜି ସଂଯୋଗ ରହିବା ଗ୍ୟାସ ସରିଯିବାର ଆଶଙ୍କାକୁ ଦୂର କରେ। ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ସରକାର ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଲୋକଙ୍କ ପାଇଁ ଉଜ୍ଜ୍ୱଳା ଯୋଜନା ଆରମ୍ଭ କରିଥିଲେ। ଏହି ଯୋଜନା ଅଧୀନରେ, ଲକ୍ଷ ଲକ୍ଷ ପରିବାର ଏଲ୍‌ପିଜି ସିଲିଣ୍ଡରରେ ସବ୍‌ସିଡି ପାଆନ୍ତି। ଯଦି ଲୋକମାନେ ପିଏନ୍‌ଜିକୁ ସ୍ଥାନାନ୍ତର ହୁଅନ୍ତି, ତେବେ ସରକାରଙ୍କ ସବ୍‌ସିଡି ବୋଝ ଧୀରେ ଧୀରେ ହ୍ରାସ ପାଇବ।

# ଦର ବଢ଼ାଇଲା ନାଏରା

## ପେଟ୍ରୋଲ୍ ୫, ଡିଜେଲ୍ ୩ ଟଙ୍କା ମହଙ୍ଗା

**ନୂଆଦିଲ୍ଲୀ,୨୬।୩(ଏଜେନ୍ସି):** ଇରାନ ଯୁଦ୍ଧର ଭୟଙ୍କର ପ୍ରଭାବ ପଡ଼ିଲାଣି। ପ୍ରଥମେ ଗ୍ୟାସ ସଙ୍କଟ, ଆଉ ଏବେ ପେଟ୍ରୋଲ୍ ଏବଂ ଡିଜେଲ ଅଭାବ ଭଳି ସ୍ଥିତି ଉପୁଜିଲାଣି। ଲୋକେ ତେଲ ଓ ଗ୍ୟାସ୍‌କୁ ନେଇ ଆଶଙ୍କାରେ ରହିଥିବାବେଳେ ସରକାର ଆଶ୍ୱସ୍ତି ଦେଇଛନ୍ତି। ଦେଶରେ ୬୦ ଦିନ ପାଇଁ ତୈଳ ଗଚ୍ଛିତ ଅଛି ବୋଲି ସରକାର କହିଛନ୍ତି। କିନ୍ତୁ ଏହାରି ମଧ୍ୟରେ, ଦେଶର ଏକ ବଡ଼ ଇନ୍ଧନ କମ୍ପାନୀ ନାଏରା ଏନର୍ଜୀ ପେଟ୍ରୋଲ୍ ଏବଂ ଡିଜେଲ୍ ଦାମ ବୃଦ୍ଧି କରିଛି। ନାୟାରା ଏନର୍ଜି ଗୁରୁବାର ପେଟ୍ରୋଲ୍ ଲିଟର ପିଛା ୫ ଟଙ୍କା ବୃଦ୍ଧି କରିଥିବାବେଳେ ଡିଜେଲ୍ ମୂଲ୍ୟ ପ୍ରତି ଲିଟର ୩ ଟଙ୍କା ବଢ଼ାଇଛି। ମଧ୍ୟପ୍ରାଚ୍ୟରେ ଯୁଦ୍ଧ ପରେ ଅଶୋଧିତ ତୈଳ ମୂଲ୍ୟ ବୃଦ୍ଧି ହୋଇଛି। ଆଉ ଏବେ ଗ୍ରାହକଙ୍କ ପାଖରୁ ଏହି ଖର୍ଚ୍ଚ ଉଠାଇବ କମ୍ପାନୀ। ଭାରତରେ ତୈଳ ମାର୍କେଟିଂ କମ୍ପାନୀଗୁଡ଼ିକ ଚାପରେ ଅଛନ୍ତି। ଫେବୃଆରୀ ୨୮ ରୁ ବିଶ୍ୱରେ ଅଶୋଧିତ ତୈଳ ମୂଲ୍ୟରେ ପ୍ରାୟ ୫୦ ପ୍ରତିଶତ ବୃଦ୍ଧି ସତ୍ତ୍ୱେ ଖୁଚୁରା ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ସ୍ଥିର ରହିଛି। ଫେବୃଆରୀ ୨୮ରେ ଆମେରିକା ଏବଂ ଇସ୍ରାଏଲ, ଇରାନ ଉପରେ ଯୁଦ୍ଧ ଆରମ୍ଭ କରିଥିଲେ। ଏହି ଯୁଦ୍ଧ ତୀବ୍ର ରୂପ ଧାରଣ କରିଥିବା ବେଳେ ଆହୁରି ବ୍ୟାପୁଛି।




ସୂତ୍ର ଅନୁସାରେ, ଭାରତର ୧୦୨,୦୭୫ ପେଟ୍ରୋଲ ପମ୍ପ ମଧ୍ୟରୁ ୬,୯୬୭ଟି ପେଟ୍ରୋଲ ପମ୍ପ ପରିଚାଳନା କରୁଥିବା ନାୟାରା ଏନର୍ଜି କିଛି ବର୍ଦ୍ଧିତ ଇନପୁଟ୍ ଖର୍ଚ୍ଚ ଗ୍ରାହକଙ୍କ ଉପରେ ଲଦିବାକୁ ନିଷ୍ପତ୍ତି ନେଇଛି। ସେପଟେ ୨,୧୮୫ଟି ପେଟ୍ରୋଲ ପମ୍ପ ଥିବା ଜିଓ-ବିପି ପେଟ୍ରୋଲ ଏବଂ ଡିଜେଲ ଉପରେ ମୂଲ୍ୟ ବୃଦ୍ଧି କରିନାହିଁ। ସୂତ୍ର ଅନୁଯାୟୀ, ରୁଷିଆନ୍ କମ୍ପାନୀ ରୋସନେଫ୍ଟର ମାଲିକାନାରେ ଥିବା ନାୟାରା ପେଟ୍ରୋଲର ମୂଲ୍ୟ ଲିଟର ପିଛା ୫ ଟଙ୍କା ଏବଂ ଡିଜେଲର ମୂଲ୍ୟ ଲିଟର ପିଛା ୩ ବୃଦ୍ଧି କରିଛି। ତେବେ ଏହି ମୂଲ୍ୟ ବୃଦ୍ଧି ରାଜ୍ୟ ଅନୁସାରେ ଭିନ୍ନ ହୋଇଥାଏ। ଏହି ପାର୍ଥକ୍ୟ ଭାଟ୍ ଭଳି ସ୍ଥାନୀୟ କରର ହାର ଉପରେ ନିର୍ଭର କରେ। କିଛି ସ୍ଥାନରେ, ପେଟ୍ରୋଲ ଲିଟର ପିଛା ୫.୩୦ ଟଙ୍କାରେ ପହଞ୍ଚିଛି। ଅଶୋଧିତ ତୈଳ ମୂଲ୍ୟ ବୃଦ୍ଧି ହେବା ପରେ ମଧ୍ୟ ଭାରତରେ ପେଟ୍ରୋଲ୍ ଏବଂ ଡିଜେଲ୍ ମୂଲ୍ୟ ସ୍ଥିର ରହିଛି।

# ମାର୍ଚ୍ଚ ୩୦ ଓ ୩୧ରେ ଟିପିସିଓଡିଏଲର ବକେୟା ସମାଧାନ ସ୍ୱତନ୍ତ୍ର ଶିବିର

**ଭୁବନେଶ୍ୱର,୨୬।୩(ସମିସ):** ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ ଓଡିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ୍ ପକ୍ଷରୁ ମାର୍ଚ୍ଚ ୩୦ ଏବଂ ୩୧ରେ ଏହାର ସମସ୍ତ ସେବାଯୋଗାଣ ଅଞ୍ଚଳରେ ଏକ ଉପଭୋକ୍ତା ଅଭିଯୋଗ ସମାଧାନଶିବିର ଆୟୋଜନ କରାଯିବ। ଏହି ଶିବିର ମାଧ୍ୟମରେ ଉପଭୋକ୍ତାମାନେ ସେମାନଙ୍କର ଦୀର୍ଘ ଦିନରୁ ପଡ଼ି ରହିଥିବା ବିଦ୍ୟୁତ ସମ୍ବନ୍ଧୀୟ ସମସ୍ୟାଗୁଡ଼ିକର ସମାଧାନ ପାଇଁ ଏକ ସୁବିଧାଜନକ ମଞ୍ଚ ପାଇପାରିବେ। ଏହି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଅନଧିକୃତ ବିଦ୍ୟୁତ ବ୍ୟବହାର ଏବଂ ବିଦ୍ୟୁତ ଚୋରି ସମ୍ବନ୍ଧୀୟ ମାମଲାଗୁଡ଼ିକୁ ଏକ ସ୍ୱଚ୍ଛ 'ସିଙ୍ଗଲ-ୱିଣ୍ଡୋ' ବ୍ୟବସ୍ଥା ମାଧ୍ୟମରେ ଶୀଘ୍ର ଏବଂ ସୌହାର୍ଦ୍ଦ୍ୟପୂର୍ଣ୍ଣ ଭାବେ ସମାଧାନ କରିବା। ମାର୍ଚ୍ଚ ୧୪ରେ ଅନୁଷ୍ଠିତ ଲୋକ ଅଦାଲତରେ ଟିପିସିଓଡିଏଲ୍ ସଫଳତାର ସହ ୬,୬୦୦ ରୁ ଅଧିକ ମାମଲାର ତୁରନ୍ତ ସମାଧାନ କରିଥିଲା। ଏହି ଶିବିର ସକାଳ ୯ଟା ରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ସମସ୍ତ ଡିଭିଜନ, ସବ୍-ଡିଭିଜନ ଏବଂ ସେକ୍ସନ ଅଫିସରେ ଅନୁଷ୍ଠିତ ହେବ। ଏଥିପାଇଁ ଏନଫୋର୍ସମେଣ୍ଟ ଅଧିକାରୀ, ଆଇନ ବିଶେଷଜ୍ଞ ଏବଂ ସହାୟକ କର୍ମଚାରୀଙ୍କର ସ୍ୱତନ୍ତ୍ର ଟିମ୍ ଉପଭୋକ୍ତାମାନଙ୍କୁ ସମ୍ପୂର୍ଣ୍ଣ ସହାୟତା ପ୍ରଦାନ କରିବେ।

# ସିଏସ୍‌ଏମ୍ ଟେକ୍ନୋଲୋଜିକୁ ଗଭ୍‌ଟେକ୍ ସମ୍ମାନ



**ଭୁବନେଶ୍ୱର,୨୬।୩(ସମିସ):** ଅଗ୍ରଣୀ ଗଭ୍‌ଟେକ୍ ସମାଧାନ ପ୍ରଦାନକାରୀ ସିଏସ୍‌ଏମ୍ ଟେକ୍ନୋଲୋଜିସ୍‌କୁ ନାସ୍‌କମ୍ ଏସ୍‌ଏମ୍‌ଇ ଇନ୍‌ସ୍ପାୟାର ଆୱାର୍ଡସ୍ ୨୦୨୬ (ଚତୁର୍ଥ ସଂସ୍କରଣ) ମୁମ୍ବାଇରେ ଟେକ୍ ଏକ୍ସିଲେନ୍ସ ଇନ୍ ଗଭ୍ ଟେକ୍ ପୁରସ୍କାରରେ ସମ୍ମାନିତ କରାଯାଇଛି। ସିଏସ୍‌ଏମ୍ ଟେକ୍ନୋଲୋଜିର ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ତଥା ସି.ଏଚ୍ ଆର୍‌ଓ ସୁଶ୍ରୀ ଲଗ୍ନା ପାଣ୍ଡା ଏହି ପୁରସ୍କାର ଗ୍ରହଣ କରିଥିଲେ। ଏହି ସ୍ୱୀକୃତି ଆମ ପାଖରେ ଥିବା ପୁରସ୍କାର ନୁହେଁ; ଏହା ଏକ ଦାୟିତ୍ୱ ଯାହା ଆମେ ଉତ୍ତରାଧିକାରରେ ପାଇଛୁ। ସିଏସ୍‌ଏମ୍‌ରେ ପ୍ରତ୍ୟେକ ଲାଇନ୍ କୋଡ୍ ଜଣେ ନାଗରିକଙ୍କ ଆଶା ବହନ କରେ, ପ୍ରତ୍ୟେକ ପ୍ଲାଟଫର୍ମ ନିରପେକ୍ଷତାର ପ୍ରତିଶ୍ରୁତି। ଆମେ କେବଳ ଶାସନକୁ ଡିଜିଟାଇଜେସନ୍ କରୁନାହୁଁ, ଆମେ ଏହାକୁ ବ୍ୟାପକ ସ୍ତରରେ ମାନବୀକରଣ କରୁଛୁ। ଆମେ ଯେଉଁ ଭବିଷ୍ୟତ ନିର୍ମାଣ କରୁଛୁ ତାହା ହେଉଛି ଯେଉଁଠାରେ ଟେକ୍ନୋଲୋଜି ଶୁଣେ, ଶିଖେ ଏବଂ ସେବା କରେ-ଶାନ୍ତ ଭାବରେ, ଶକ୍ତିଶାଳୀ ଭାବରେ ଏବଂ ବିନା ବ୍ୟତିକ୍ରମରେ।

# ଅନୁଗୋଳରେ ଖୋଲିଲା ଚାନ୍ଦି ଭଣ୍ଡାରର ୨୭ତମ ଷ୍ଟୋର

**ଅନୁଗୋଳ,୨୬।୩(ସମିସ):** ଭରସାଯୋଗ୍ୟ ରୁପା ଗହଣା ବ୍ରାଣ୍ଡ ଚାନ୍ଦିଭଣ୍ଡାର ଅନୁଗୋଳରେ ଖୋଲିଛି ଏହାର ଏକ ନୂଆ ଷ୍ଟୋର। ଏହା ଅନୁଗୋଳ ରେ ବ୍ରାଣ୍ଡର ଦ୍ୱିତୀୟ ଏବଂ ସମଗ୍ର ଓଡ଼ିଶାରେ ୨୭ତମ ଷ୍ଟୋର। ଅନୁଗୋଳ ଗାନ୍ଧୀ ମାର୍ଗ ଛକ ସ୍ଥିତ ୱାର୍ଲଡ ଅଫ୍ ଟାଇଟନ ନିକଟରେ ଏହା ଖୋଲିଛି। ବ୍ରାଣ୍ଡ ୧୨ ବର୍ଷର ଯାତ୍ରାରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। ଏଥିସହିତ ବ୍ରାଣ୍ଡ ରୁପା କାରିଗରୀ ଏବଂ ଶୁଦ୍ଧତା ଓ ଡିଜାଇନ କ୍ଷେତ୍ରରେ ନୂଆ ମାନଦଣ୍ଡ ସ୍ଥାପନ ପରିଭାଷିତ କରିବାର ବିରାସତକୁ ମଜଭୁତ କରିଛି। ଅନୁଗୋଳର ଏହି ନୂଆ ଷ୍ଟୋର ୨୦୦୦ ବର୍ଗଫୁଟ୍ ପରିବ୍ୟାପ୍ତ ସ୍ଥାନରେ ନିର୍ମିତ। ଏଠାରେ ମହିଳାମାନଙ୍କ ପାଇଁ ନେକଲେସ୍, ଚୁଡ଼ି, ମୁଦି, କାନଫୁଲ, ବ୍ରେସ୍‌ଲେଟ୍ ଏବଂ ଆଙ୍କ୍ଲେଟ ଭଳିକି ଭଳି ସମ୍ଭାର ଏଠାରେ ରହିଛି, ଯାହାକି ଫେଷ୍ଟିଭ୍ ସେଲିବ୍ରେଶନ୍ ଏବଂ ନିତିଦିନିଆ ବ୍ୟବହାର ପାଇଁ ସର୍ବୋତ୍କୃଷ୍ଟ। ପୁରୁଷଙ୍କ ରୁପା ଗହଣା ଚାହିଦାକୁ ଦୃଷ୍ଟିରେ ରଖି ଆମୋଘ କଲେକ୍ସନ ଷ୍ଟୋରରେ ଉପଲବ୍ଧ, ଯେଉଁଥିରେ ବ୍ରେସ୍ଲେଟ୍, ମୁଦି, କଫ୍ଲିଙ୍କ୍ ଏବଂ ଚେନ୍ ଆଦି ରହିଛି। ପିଲାମାନଙ୍କ ପାଇଁ କୌତୁକିଆ ଏବଂ ପ୍ରିମିୟମ କିଡ୍ସ କଲେକ୍ସନ ଉପଲବ୍ଧ। ସ୍ୱତନ୍ତ୍ର ଲଞ୍ଚ ଅଫର ଭାବେ ଚାନ୍ଦି ଭଣ୍ଡାର ଗଢ଼ା ମଜୁରିରେ ୫୦% ପର୍ଯ୍ୟନ୍ତ ରିଆତି ପ୍ରଦାନ କରୁଛି। ଏହା ଏପ୍ରିଲ ୪ରୁ ୧୯ ପର୍ଯ୍ୟନ୍ତ ଉପଲବ୍ଧ। ଏହି ଅବସରରେ ଚାନ୍ଦି ଭଣ୍ଡାରର ପ୍ରତିଷ୍ଠାତା ଲିପ୍ସା ହଂସ କୁହନ୍ତି, ଅନୁଗୋଳରେ ଆମର ୨୭ତମ ଷ୍ଟୋର ଖୋଲାଯିବା ଆମ ଗ୍ରାହକଙ୍କ ଦୃଢ଼ ବିଶ୍ୱାସକୁ ପ୍ରତିଫଳିତ କରୁଛି। ଅକ୍ଷୟ ତୃତୀୟା ପୂର୍ବରୁ ଏହା ଆମ ପାଇଁ ଏକ ସୁନ୍ଦର ନୂତନ ଆରମ୍ଭ।



